ଏନ୍.ଟି.ପି.ସି କଣିହାଁରେ ବିଶ୍ୱ ଜଳ ଦିବସ ପାଳିତ

ତାଳଚେର- ୨୩/୩ (ଶ୍ରୁ.ମି.) : ଏନ୍.ଟି.ପି.ସି ତାଳଚେର କଣିହାଁ ପକ୍ଷରୁ ଗୁରୁବାର ଦିନ ବିଶ୍ୱ ଜଳ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରାମ କୁବେର ଯୋଗ ଦେଇ ଜଳର ସୁବିନିଯୋଗ ପାଇଁ କର୍ମଚାରୀମାନଙ୍କୁ ଶପଥ ପାଠ କରାଇଥିଲେ । ଜଳର ଗୁରୁତ୍ୱ ଓ ମହତ୍ୱକୁ ପ୍ରତିପାଦନ କରିବା ପାଇଁ ପ୍ରତିବର୍ଷ ମାର୍ଚ୍ଚ ୨୨ତାରିଖରେ ବିଶ୍ୱ ଜଳ ଦିବସ ଭାବେ ପାଳିତ କରାଯାଇଥାଏ । ଜଳ ଉତ୍ସଗୁଡ଼ିକର ସଠିକ୍ ପରିଚାଳନା ନିମନ୍ତେ ମଧ ଜନସଚେତନା କରାଯାଇଥାଏ । ଚଳିତ ୨୦୧୮ ବର୍ଷ ପାଇଁ ଶୀର୍ଷକ ରହିଛି ଜଳ ପାଇଁ ପ୍ରକୃତି (ନେଚର ଫର ୱାଟର) ଯାହାକି ଲୋକଙ୍କୁ ପ୍ରକୃତିରେ ଏହାର ଉତର ଅନ୍ୱେଷଣ କରିବାକୁ ପ୍ରୋତ୍ସାହିତ କରିବ । ଉଦାହରଣ ସ୍ୱରୂପ,ପ୍ରକୃତି ଆଧାରିତ ସମାଧାନ ପ୍ରୟୋଗ କରାଯାଇ ବଢ଼ି, ମରୁଡ଼ି, ଦୁର୍ଭିକ୍ଷ, ଜଳ ପ୍ରଦୁଷଣକୁ ରୋକାଯିବା ସହ ଇକୋ ସିଷ୍ଟମ ସୁରକ୍ଷା କରିପାରିବ । ଏହି ଦିବସ ପାଳନ ଅବସରରେ ଜଳ ସଂରକ୍ଷଣ ଓ ପରିଚାଳନା ସମ୍ପର୍କରେ ପ୍ରକଳ୍ପର କର୍ମଚାରୀ, ସି.ଆଇ.ଏସ୍.ଏଫ୍.ଙ୍କ ନିମନ୍ତେ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀରେ ସ୍ଲୋଗାନ ପ୍ରତିଯୋଗିତାର ଆୟୋଜନ କରା ଯାଇଥିଲା ।

ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ମାଲକାନଗିରି- ୨୨/୩ (ଶ୍ରୁ.ମି.) : ମାଲକାନଗିରି ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୬ ତମ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ରାଜ୍ୟ ପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ ନାରାୟଣ ଚନ୍ଦ୍ର ଭୋଳଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ମାଲକାନାଗିରି ମହାବିଦ୍ୟାଳୟର ଅଧ୍ୟାପକ ରଞ୍ଜନ କୁମାର ସ୍ୱାଇଁ, ମୁଖ୍ୟ ବକ୍ତାଭାବେ ପୂର୍ତ୍ତବିଭାଗ ସହକାରୀ ଯନ୍ତ୍ରୀ ଇଂ. ଶରତ ଚନ୍ଦ୍ର ପାତ୍ର ସମ୍ମାନୀୟ ଅତିଥି ଭାବେ ସିଆରସିସି ହରେକୃଷ୍ଣ ବାରିକ ଓ କେ. ଦେଶୀରାଜୁ ଆଚାରୀ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗୀତାର କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସଭା ପ୍ରାରମ୍ଭରେ ସହକାରୀ ଶିକ୍ଷକ ସୁଶାନ୍ତ ସାହୁ ଅତିଥି ପରିଚୟ ପ୍ରାଦାନ କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଉତ୍ସବ ପରିଚାଳନାରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଦେବରାଜ ସାହୁ, ମଞ୍ଜୁଲତା ସ୍ୱାଇଁ ବୀଣାପାଣି ଦେବୀ, ଅନିତା ସିତାଦାର, ମାମିନା ବାସତେନି, ମଦୁସ୍ମିତା ସିଂ ପ୍ରମୁଖ ସହଯୋଗ କରିଥିଲେ ।

ରାଜନଗର ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ନିର୍ବାଚନ

ରାଜନଗର- ୨୩/୩ (ଶ୍ରୁ.ମି.) : ରାଜନଗର ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶିକ୍ଷକ ଜ୍ଞାନମନ୍ଦିର ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ପ୍ରଶାନ୍ତକୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସାଧାରଣ ନିର୍ବାଚନ କରାଯାଇ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ମନୋନୀତ କରାଗଲା । ସଭାପତି ଭାବେ ସୀମାନ୍ତକେଶରୀ ପ୍ରଧାନ, ଉପସଭାପତି ଭାବେ ଦିବ୍ୟସିଂହ ପଢିହାରୀ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସାଧାରଣ ସଂପାଦକ ଭାବେ ରାଜକିଶୋର ବିଶ୍ୱାଳ, ସହ ସଂପାଦକ ଭାବେ କ୍ଷୀରୋଦକୁମାର ରାଉତ ଓ କୋଷାଧ୍ୟକ୍ଷ ଭାବେ ସରୋଜକୁମାର ଦାସ ଏବଂ ସର୍କଲ ସଂପାଦକ ଭାବେ ବିଭୁତି ଭୂଷଣ ସ୍ୱାଇଁ, ଗୋପୀନାଥ ଲେଙ୍କା, କମଳାକାନ୍ତ ରାଉତ, ନାରାୟଣ ଝୁଟିଆଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନରେଶକୁମାର ରାଉତ, ବିଚିତ୍ରାନନ୍ଦ ପାତ୍ରଙ୍କ ସହ ବହୁ ସଂଖ୍ୟାରେ ଶିକ୍ଷକ ଶିକ୍ଷୟତ୍ରୀମାନେ ଯୋଗଦେଇଥିଲେ ।

ବେନିୟମ ଇଟାଭାଟି ଓ ବାଲି ଚାଲାଣକୁ ନେଇ ଅଭିଯୋଗ

ଉଦଳା- ୨୩/୩ (ଶ୍ରୁ.ମି.) : ଉଦଳା ତହସିଲ ଅଧିନସ୍ଥ ଅଦାପାଳର ବେଲଘୁଟ ଗ୍ରାମରେ ବେନିୟମ ଇଟାଭାଟି ଓ ବେନିୟମ ବାଲି ଖାଦାନ ଚାଲିଥିବାକୁ ନେଇ ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ ଆଜକୁ ପ୍ରାୟ ୬ ମାସରୁ ଉର୍ଦ୍ଧ୍ୱ ହେବ ଉଦଳାର ଏସ. କେ. ଡବ୍ଲୁ ନାମକ ବ୍ୟକ୍ତି ଅବାଧରେ ପ୍ରତ୍ୟେକ ଦିନ ୧୦ ରୁ ୧୨ ଟ୍ରିପ ବାଲି ଉଠାଇ ଦେଓ ନଦୀ ଉପରେ ଚାଲିଥିବା ପୋଲ କାମ ପାଇଁ ଯୋଗାଉଥିବାରୁ ଅଭିଯୋଗ ହୋଇଛି । ନଦୀ ଆଡ଼ିରୁ ବାଲି ଉଠାଉ ଥିବାରୁ ତାହା ଗ୍ରାମବାସୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ଫଳରେ ଗ୍ରାମବାସୀମାନେ ଏହାକୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ପୁଣି ସେହି ଗ୍ରାମରେ ବେନିୟମ ଭାବେ ଏକ ଇଟା ଭାଟି ଚାଲିଥିବାକୁ ନେଇ ମଧ ଅଭିଯୋଗ ପତ୍ରରେ ଦର୍ଶାଯାଇଛି । ତେବେ ଉକ୍ତ ବେନିୟମ କାରବାର ଚାଲୁଥିବାର ବେଳେ ଉଦଳା ରାଜସ୍ୱ ବିଭାଗର ନଜର ନପଡ଼ିବା ବେଶ ଆଶ୍ଚର୍ଯ୍ୟର କଥା । ଉପଜିଲ୍ଲାପାଳଙ୍କୁ ପଚାରିବାରୁ ସେ ତହସିଲଦାରଙ୍କ ସହ ଯୋଗାଯୋଗ କରିବାକୁ ପ୍ରକାଶ କରିଥିଲେ । ତେବେ ଉଦଳା ତହସିଲଦାର ଦାୟିତ୍ୱରେ ଥିବା ସ୍ମରଣ କୁମାର ପୃଷ୍ଟିଙ୍କୁ ପଚାରିବାରୁ ଅଭିଯୋଗ ହୋଇଥିବାର ଜାଣିଛନ୍ତି କିନ୍ତୁ ତଦନ୍ତ କଲା ପରେ ମତାମତ ଦେବେ ବୋଲି ପ୍ରକାଶ କରିବା ସହ ବର୍ତ୍ତମାନ ମାର୍ଚ୍ଚମାସ ଥିବାରୁ ସେ ରାଜସ୍ୱ ନୀରୀକ୍ଷକଙ୍କୁ ଦାୟିତ୍ୱ ଦେଇନାହାନ୍ତି ବୋଲି ମଧ ପ୍ରକାଶ କରିଛନ୍ତି । ଗ୍ରାମବାସୀଙ୍କର ଅଭିଯୋଗ ପରେ ନିଜେ ତଦନ୍ତ କରିବାରେ ବିଳମ୍ବ କରିବା କିମ୍ବାବ ରାଜସ୍ୱ ନୀରୀକ୍ଷକଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ନ ଦେବା ରାଜସ୍ୱ ବିଭାଗ ଅଧିକାରୀ ଓ ମାଫିଆଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବାର ବେଶ ବାରି ହେଉଛି ।

ବିନା ଅନୁମତିରେ ଗାଁକୁ ପ୍ରବେଶ ନିଷେଧ : ଅବକାରୀ ହାତରୁ ୩ ଅଭିଯୁକ୍ତଙ୍କୁ ଛଡ଼ାଇଲେ ଗ୍ରାମବାସୀ, ଉଦଳା ଅବକାରୀ ବିଭାଗର ଉଦଳା ଥାନାରେ ଅଭିଯୋଗ

ଉଦଳା- ୨୩/୩ (ଶ୍ରୁ.ମି.) : ଉଦଳା ଅବକାରୀ ବିଭାଗ ନିକଟରୁ ୩ ଅଭିଯୁକ୍ତ ଓ ଜବତ ହୋଇଥିବା ସାମଗ୍ରୀ ଛଡ଼ାଇନେବା ସହିତ ଗାଁକୁ ଯାଇ କେଶ ନ କରିବାକୁ ଧମକ ଦେବା ପରେ ଉଦଳା ଥାନାରେ ଅବକାରୀ ନୀରୀକ୍ଷକ ଶ୍ରୀନିବାସ ସାହୁ ଆଜି ଉଦଳା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଆଜି ଉଦଳା ଅବକାରୀ ବିଭାଗ ଓ ଖୁଣ୍ଟା ଅବକାରୀ ବିଭାଗ, ଏ.ପି.ଆର. ଫୋର୍ସ ଓ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସହ ଇଟାଗଡ଼, ବଇଦାଖଡ଼ି, ଖଣ୍ଡାଚିରା ଓ ମାଣିକପୁର ଗ୍ରାମରେ ଚଢ଼ାଉ କରି ୩ ଜଣଙ୍କୁ ଗିରଫ କରି ଗାଡ଼ି ଭିତରେ ବସାଇ ଜାମକୋଳି ଗଛ ବଣ ଭିତରୁ ତଲାସ କରୁଥିବା ବେଳେ ପାଟି ତୁଣ୍ଡ ଆରମ୍ଭ ହୋଇଥିଲା । ଗାଡ଼ି ପାଖରେ ବହଞ୍ଚିବା ପରେ ପ୍ରାୟ ୧୦୦ ରୁ ଉର୍ଦ୍ଧ୍ୱ ଲୋକ ଗାଡ଼ିରେ ବସିଥିବା ୩ ଅଭିଯୁକ୍ତଙ୍କୁ ଛଡ଼ାଇ ନେବା ସହିତ ଜବତ ହୋଇଥିବା ମଦ ତିଆରି ସାମଗ୍ରୀ ମଧ ଛଡ଼ାଇ ନେଇଛନ୍ତି । ଏହା ବ୍ୟତୀତ ବିନ ଅନୁମତି ଗାଁକୁ ପଶି ମକଦ୍ଦମା ନ କରିବା ପାଇଁ ପଲ୍ଲି ସଭାରେ ନିଷ୍ପତ୍ତି ଗ୍ରହଣ କରାଯାଇ ଥିବାର ଆଗାମୀ ଦିନ ପାଇଁ ଚେତା ବନୀ ମଧ ଦେଇଛନ୍ତି । ଏହା ବ୍ୟତୀତ ସମସ୍ତ ପ୍ରଶାସନିକ ଅଧିକାରୀ ଙ୍କୁ ଖରାପ ଭାଷାରେ ଗାଳି କରିଥିବାର ମଧ ଅଭିଯୋଗ ଦର୍ଶାଯାଇଛି । ଏ ସମ୍ପର୍କରେ ଅବକାରୀ ବିଭାଗର ଅଭିଯୋଗ ହୋଇଥିବା ବେଳେ ଉଦଳା ଥାନାରେ ମକଦମା ରୁଜୁ କରାଯାଇଛି ।

ମାଇକ ସେଟ ଚୋରି ଅଭିଯୋଗରେ ୩ କୋର୍ଟ ଚାଲାଣ



ମାହାଙ୍ଗା- ୨୩/୩ (ଶ୍ରୁ.ମି.) : ମାହାଙ୍ଗା ଥାନା ଭଦ୍ରେଶ୍ୱର ଫାଣ୍ଡି ଅଂଚଳରେ ଗତ ମାସରେ ଶ୍ରୀଧର କୁଅଁର ସ୍କୁଲରୁ ମାଇକ ମେସିନ ଚୋରି ଅଭିଯୋଗରେ ଆଜି ମାହାଙ୍ଗା ଥାନା ପୋଲିସ ଅଟକ ରଖିଥିବା ୪ ଜଣଙ୍କ ମଧ୍ୟରୁ ୩ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ସେମାନଙ୍କ ନିକଟରୁ ୪ଟି ମାଇକ ମେସିନ ଓ ୫ଟି ୟୁନିଟ ଜବତ କରିଛି । କୋର୍ଟ ଚାଲାଣ ହୋଇଥିବା ଅଭିଯୁକ୍ତ ମାନେ ହେଲେ ମାହାଙ୍ଗା ନାହାଙ୍ଗ ପଞ୍ଚାୟତ ବାଲିପଡା ଗ୍ରାମର ବିଜୟ ଜେନାଙ୍କ ପୁତ୍ର ଦୈତାରୀ ଜେନା(୨୦), ଶତ୍ରୁଘ୍ନ ଜେନାଙ୍କ ପୁତ୍ର ଚନ୍ଦ୍ରକାନ୍ତ ଜେନା (୧୯) ଓ ଧିର ସାମଲଙ୍କ ପୁତ୍ର ପ୍ରଭାତ ସାମଲ ବୋଲି ଜଣାଯାଇଛି । ଥାନା କେସ ନଂ. ୬୭/୨୦୧୮ରେ ଚୋରି ଅଭିଯୋଗରେ ସାଲେପୁର ବିଚାର ବିଭାଗୀୟ ହାଜତକୁ ତିନି ଅଭିଯୁକ୍ତଙ୍କୁ ପଠାଯାଇଛି ବୋଲି ଫାଣ୍ଡି ଅଧିକାରୀ ପବିତ୍ର ମହାରଣା ସୂଚନା ଦେଇଛନ୍ତି

ମା' ବାସନ୍ତୀ ସାଂସ୍କୃତିକ ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ

ରାଜନଗର- ୨୩/୩ (ଶ୍ରୁ.ମି.) : ରାଜନଗର ବ୍ଲକ ବ୍ରାହ୍ମଣସାହି ପଚାଂୟତ ନାଉକୋଣା ଗ୍ରାମରେ ମା ବାସନ୍ତୀ ଦେବୀଙ୍କ ୫୦ତମ ବାର୍ଷିକ ପୂଜାତ୍ସବ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଘାଟିତ ହୋଇ ଯାଇଛି । ଶିକ୍ଷା, ସାହିତ୍ୟ, କଳା ଓ ସଂସ୍କୃତିର ପ୍ରଚାରକ ମା' ବାସନ୍ତୀ ସାଂସ୍କୃତିକ ଅନୁଷ୍ଠାନ ନାଉକୋଣାଠାରେ ମା' ବାସନ୍ତୀ ପୂଜା ୨୨ତାରିଖଠାରୁ ଆରମ୍ଭ ହୋଇ ୨୮ରେ ଶେଷ ହେବ । ଏହାକୁ ବିଧାୟକ ଅଂଶୁମାନ ମହାନ୍ତି ଉଦ୍‌ଘାଟନ କରିଥିଲେ । ଗ୍ରାମ୍ୟ ଜୀବନରେ ଏହିଭଳି ଅନୁଷ୍ଠାନ ଗୁଡିକ ଗ୍ରାମ୍ୟ ସଂସ୍କୃତିକୁ ବଜାୟ ରଖିବା ସହ ସରସ ସୁନ୍ଦର କରୁଛନ୍ତି ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଶିକ୍ଷାବିତ୍ କ୍ଷୀରୋଦକୁମାର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧାପକ ସଂଗ୍ରାମ ମଲ୍ଲିକ ସଂଯୋଜନା କରିଥିଲେ ।

ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



କୋଣାର୍କ- ୨୩/୩ (ଶ୍ରୁ.ମି.) : ନୋଡାଲ ଉଚ୍ଚ ପ୍ରାଥମିକ ସରୋଜିନୀ ଦେବୀଙ୍କୁ ଗୋପ ବ୍ଲକ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ମା ଭଗବତୀଙ୍କ ପୀଠରେ ଶିକ୍ଷକ ସମନ୍ୱୟ ସମିତିର ସାହୁ,ଶିକ୍ଷକନେତା ଗୋପିନାଥ କୋଣାର୍କ ନିକଟ ଭୈରବ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ଜ୍ଞାପନ କରାଯାଇଛି । କୋଣାର୍କର ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସଂପାଦକ ସତ୍ୟନାରାୟଣ ଜେନା,ପ୍ରଧାନଶିକ୍ଷୟିତ୍ରୀ ବିନୋଦିନୀ ତ୍ରିପାଠୀ,ପ୍ରଧାନଶିକ୍ଷକ ସମ୍ରାଟଭଂଜ ଭୋଇ,ପ୍ରଧାନଶିକ୍ଷକ ରାମଚନ୍ଦ୍ର ଶତପଥୀ,ପ୍ରଧାନଶିକ୍ଷକ ଗନ୍ଧର୍ବ ସେନାପତିଙ୍କ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ଦେବୀଙ୍କ ଗୁଣଗାନ କରିବାସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ ।

ଲ୍ୟାଣ୍ଡ ମାଇନ ବିସ୍ଫୋରଣ ୨ ଯବାନ ଆହତ

ମାଲକାନଗିରି- ୨୨/୩ (ଶ୍ରୁ.ମି.) : ସୀମାନ୍ତ ଛତିଶଗଡ଼ ରାଜ୍ୟ ବିଜାପୁର ଜିଲ୍ଲା ଭୋପାଳ ପାଟଣମ ଥାନାଠାରେ ମୁତୟନ ଯବାନମାନେ ଆଜି ସକାଳୁ ସର୍ଚ୍ଚ ଅପରେସନରେ ବାହାରିଥିଲେ । ଯବାନମାନେ ଚାଲି ଚାଲି ଓଲୁର ଗ୍ରାମ ନିକଟରେ ପହଞ୍ଚିବା କ୍ଷଣି ମାଓବାଦୀମାନେ ସେମାନଙ୍କୁ ଟାର୍ଗେଟ୍ କରି ପୋତିଥିବା ଲ୍ୟାଣ୍ଡ ମାଇନ୍ ବିସ୍ଫୋରଣ ହୋଇଥିଲା । ଏଥିରେ ଦୁଇ ଜଣ ଯବାନ ଆହତ ହୋଇଥିବା ଜଣାଯାଇଛି । ବିସ୍ଫୋରଣ ପରେ ସେଠାରେ ମାଓବାଦୀ ଲୁଚି ରହିଥିବା ଅନୁମାନ କରି ଯବାନମାନେ ତଲାସି କରିଥିଲେ ବି କାହାରଙ୍କୁ ପାଇ ନ ଥିଲେ । ଆହତଙ୍କୁ ଚିକିତ୍ସା ପାଇଁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଛି ।

ଜନଗହଳି ପୂର୍ଣ୍ଣ କୋର୍ଟ ନିକଟରୁ ୪୦ ହଜାର ଲୁଟ

କେନ୍ଦ୍ରାପଡା- ୨୩/୩ (ଶ୍ରୁ.ମି.) : ସ୍ୱଷ୍ଟ ଦିବାଲୋକରେ ଜନଗହଳି ପୂର୍ଣ୍ଣ କୋର୍ଟ ନିକଟରୁ ଗୁରୁବାର ପୂର୍ବାହ୍ନରେ ଜଣେ ଯୁବକଙ୍କ ଠାରୁ ୪୦ ହଜାର ଟଙ୍କା ଲୁଟ ହୋଇଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ କେନ୍ଦ୍ରାପଡା ସଦରଥାନା କଂସାର ପଞ୍ଚାୟତର ଚଣ୍ଡିଆ ପଲ୍ଲି ଗ୍ରାମର ଖଗେଶ୍ୱର ବେହେରା ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ୪୦ ହଜାର ଟଙ୍କା ଉଠାଇ କୌଣସି କାମରେ କୋର୍ଟକୁ ଆସିଥିଲେ ତାଙ୍କୁ ପିଛା କରୁଥିବା ୨ ଯୁବକ କୋର୍ଟ ନିକଟରେ ଖଗେଶ୍ୱରଙ୍କୁ ତୁମ ସାର୍ଟରେ ମଇଳା ଲାଗିଛି ବୋଲି କହିଥିଲେ । ଖଗେଶ୍ୱର ଟଙ୍କା ରଖିଥିବା ବ୍ୟାଗଟିକୁ ନିଜ ଗାଡି ଉପରେ ରଖି ଦୋକାନରୁ ପାଣିଆଣିବାକୁ ଯିବା ସମୟରେ ୨ ଦୃବୃତ୍ତ ଟଙ୍କା ବ୍ୟାଗଟିକୁ ଧରି କେଉଁଆଡେ ଫେରାର ହୋଇଯାଇ ଥିଲେ । ଏହି ଘଟଣାକୁ ନେଇ ଖଗେଶ୍ୱର ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତିକରି ଟାଉନ ଥାନା ପୋଲିସ ଏକ ଲୁଟ ମାମଲା ରୁଜୁକରି ଘଟଣାର ଅନୁସନ୍ଧାନ କରଛି । କିନ୍ତୁ ଲୁଟ ହୋଇଥିବା ଟଙ୍କା ବା ଲୁଟେରାଙ୍କ କୌଣସି ସନ୍ଧାନ ଏ ପର୍ଯ୍ୟନ୍ତ ମିଳିପାରି ନାହିଁ । ଏଠାରେ ସୂଚନା ଯୋଗ୍ୟକି କୋର୍ଟ ନିକଟରେ ସ୍ୱଚ ଦିବାଲୋକରେ ଏଭଳି ଲୁଟ ହେବା ଘଟଣା ପୋଲିସର ପାରିବା ପଣିଆ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି ।

୨ ବଖରା ଘର ପୂରା ପାଉଁଶ

ଉଦଳା, ୨୩/୦୩(ଶ୍ରୁମି) – ଉଦଳା ତହସିଲର ଚୁଳିଆପୋଷି ଗ୍ରାମର ୨ ବଖରା ଘର ଆଜି ପୋଡ଼ି ପାଉଁଶ ହୋଇଯାଇଛି । ଆଜି ଦ୍ୱିପ୍ରହ ସମୟରେ ଚୁଳିଆପୋଷି ଗ୍ରାମର ରାଧାଶ୍ୟାମ ପାତ୍ରଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଥିଲା । ଘର ଲୋକ କାମ କରିବାକୁ ବାହାରକୁ ଯାଇଥିବା ବେଳେ ଘର ଭିତରୁ ଧୂଆଁ ବାହାରିବାକୁ ନେଇ ଗ୍ରାମବାସୀ ମାନେ ଘର ନିକଟକୁ ଆସିଥିଲେ । ଗ୍ରାମବାସୀମାନେ ଅଗ୍ନିଶମ ବିଭାଗ ଖବର ଦେଇଥିଲେ । ଉଦଳା ଅଗ୍ନିଶମ ବିଭାଗର କର୍ମଚାରୀ ଚୁଳିଆପେଷି ଗ୍ରାମରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ମାତ୍ର ଘର ଭିତରେ ଥିବା ୨୦ ବସ୍ତାରୁ ଉର୍ଦ୍ଧ୍ୱ ଧାନ, ଲୁଗା, ଘର ଭିତରେ ଥିବା ସମସ୍ତ ଜିନଷ ପୋଡ଼ି ପାଉଁଶ ହୋଇଯାଇଥିଲା । ତେବେ ନିଆଁ ଲାଗିବାର କାରଣ ବର୍ତ୍ତମାନ ସୁଦ୍ଧା କିଛି ଜଣା ପଡ଼ିନାହିଁ । ଖଲାଡ଼ି ରାଜସ୍ୱ କାର୍ଯ୍ୟାଳୟ ତରଫରୁ ଗୋଟିଏ ପଲିଥିନ ଦିଆଯାଇଥିବାର ରାଜସ୍ୱ ନୀରୀକ୍ଷକ ପ୍ରକାଶ କରିଛନ୍ତି ।

ସ୍ୱଚ୍ଛ ଭାରତ ଯୋଜନା ଫେଲ, ଶୌଚାଳୟ ନିର୍ମାଣ ପରେ ବି ମିଳୁନି ଟଙ୍କା

ରାଜନଗର- ୨୩/୩ (ଶ୍ରୁ.ମି.) : କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ଭାରତ ଯୋଜନା ପାଇଁ ବହୁ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ପ୍ରଚାର କରୁଛନ୍ତି । ମାତ୍ର ବାସ୍ତବ କଥା ନିଆରା । ସରକାରୀ କଳର ଦାଓପେଞ୍ଚ ଭିତରେ ସାଧାରଣ ଲୋକଟି ଧାର କରଜ କରି ଶୌଚାଳୟ ନିର୍ମାଣ କରିସାରିବା ଅର୍ଥ ମିଳୁନାହିଁ । ଏନେଇ ମାସମାସ ଧରି ବ୍ଲକକୁ ଦୌଡିଦୌଡି ନିରାଶ ହେଉଥିବା ଅଭିଯୋଗ ହେଉଛି । ଗ୍ରାମାଂଚଳରେ ଶୌଚାଳୟ ନିର୍ମାଣ କରି ବ୍ୟବହାର କରିବା କାଠିକର ପାଠ ହେଉଥିବା ବେଳେ ସାଧାରଣ ଲୋକଟି ଶୌଚାଳୟଟିଏ ନିର୍ମିତ କାର୍ଯ୍ୟାଦେଶ ପାଇବା ପାଇଁ ଦିନଦିନ ଧରି ଦୌଡିବାକୁ ପଡୁଛି । କାର୍ଯ୍ୟାଦେଶ ପାଇବା ପରେ ଶୌଚାଳୟ ନିର୍ମାଣ କରି ସାରିବା ପରେ ଇଟା, ବାଲି, ଗୋଡି ଓ ସିମେଂଟ ଯୋଗାଇଥିବା ଦୋକାନୀ ପଇସା ପାଇଁ ଗୋଡାଉଥିବା ବେଳେ ଲୋକଟି ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ କିଛି ସୁଫଳ ମିଳୁନାହିଁ । ବିଭାଗୀୟ ଅଧିକାରୀଙ୍କ ଖାମଖିଆଲ ଓ ଲାଞ୍ଚ ଖୋର ମନୋବୃତୀ ଗ୍ରାମାଞ୍ଚଳରେ ଶୌଚାଳୟ ନିର୍ମାଣରେ ବାଧକ ସାଜିଛି । ପାଖ ପଡୋଶୀଟି ଶୌଚାଳୟ ନିର୍ମାଣ କରି ଅର୍ଥ ପାଇବା ପାଇଁ ବାରମ୍ବାର ପ୍ରଶାସନ ପାଖରେ ଗୁହାରୀ କରୁଥିଲେ ମଧ ଅର୍ଥ ପାଇପାରୁନଥିବା ଏକ ଖରାପ ଧାରଣା ସୃଷ୍ଟି କରୁଛି । ଭାତ ହାଣ୍ଡିରୁ ଗୋଟିଏ ଚିପିଲା ଭଳି କଣ୍ଡିରା ପଚାଂୟତ ବାଉଁଶକଣୀର ଭଗବାନ ରାଉତ, ସର୍ବେଶ୍ୱର ରାଉତ, ପୁରସ୍ତମ ରାଉତ, ନୂଆଗାଁର ଦୋଳଗୋବିନ୍ଦ ରାଉତ, ବିଜୟକୁମାର ରାଉତ, ଅଙ୍କୁର ଜେନା, ଜଗନ୍ନାଥପୁରର କଳ୍ପତରୁ ରାଉତ, କଣ୍ଡିରାର ନିରାକାର ଦାସ, ନିରନ ଦାସ, ବାରୁଣୀର ସନାତନ ବିଶ୍ୱାଳ, ନଳଯୋଡିର ସୁନାକର ଦାସ, ରତ୍ନାକର ଦାସ, ବଳରାମପୁରର ସଂଯୁକ୍ତା ବାଗ, ଗନ୍ଧର୍ବ ବାଗ ଓ କ୍ଷେତ୍ରବାସୀ ବାଗ ଦୀର୍ଘଦିନ ହେବ ଶୌଚାଳୟ ନିର୍ମାଣ କରି ବ୍ଲକ ପ୍ରଶାସନର ବିଭାଗୀୟ ଅଧିକାରୀଙ୍କୁ ହାରିଗୁହାରୀ କଲେ ମଧ ସେମାନେ ଅର୍ଥ ପାଇପାରି ନାହାନ୍ତି । ସ୍ୱଚ୍ଛ ଭାରତ ଯୋଜନା ପ୍ରଶାସନିକ ସାଧୁତା ଓ ଆନ୍ତରିକତା ନଥିବା ଯୋଗୁଁ ଫେଲ ମାରୁଥିବା ଅଭିଯୋଗ ହେଉଛି । ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

୩ ଦଫା ଦାବୀ ନେଇ ଠିକା ଡ୍ରାଇଭରଙ୍କ ଆନ୍ଦୋଳନ

ତାଳଚେର- ୨୩/୩ (ଶ୍ରୁ.ମି): ମହାତ୍ମାଗାନ୍ଧି ଠିକାଯାନ ଡ୍ରାଇଭର ୟୁନିୟନ ତରଫରୁ ୩ ଦଫା ଦାବୀ ପୂରଣ ନେଇ ଆନ୍ଦୋଳନ ଏବଂ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ସଂଘର ପ୍ରାୟ ୩ଶହ ସଦସ୍ୟ ସାଉଥବଲଣ୍ଡାସ୍ଥିତ କାର୍ଯ୍ୟାଳୟରୁ ଏକ ବିଶାଳ ଶୋଭାଯାତ୍ରାରେ ଆସି ଏମ୍.ସି.ଏଲ ଜଗନ୍ନାଥ ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ପହଂଚି ସେମାନଙ୍କର ୩ଦଫା ଦାବୀ ଉପରେ ବିକ୍ଷୋଭ ଏବଂ ସ୍ଲୋଗାନମାନ ଦେଇଥିଲେ । ସକାଳ ୮ଘଟିକାଠାରୁ ସଦସ୍ୟମାନେ ଷ୍ଟେରିଙ୍ଗ ଛାଡ଼ ଆନ୍ଦୋଳନ କରିଥିଲେ । ଫଳରେ ତାଳଚେର ଅଂଚଳରେ ଥିବା ବିଭିନ୍ନ ଖଣିଖଦାନ ଓ କମ୍ପାନୀର ଗାଡ଼ି ବନ୍ଦ ହେବା ଯୋଗୁଁ କୌଣସି ଉଚ୍ଚପଦସ୍ଥ ଅଧିକାରୀ ନିଜ କାର୍ଯ୍ୟାଳୟରେ ପହଂଚି ପାରିନଥିଲେ । ଏପରି ଏକ ଅଚଳ ଅବସ୍ଥା ସୃଷ୍ଟି ହେବାରୁ ତାଳଚେରର ବିଭିନ୍ନ ମହାପ୍ରବନ୍ଧକ ଏକ ଜରୁରୀ ବୈଠକ ଡ଼କାଇ ୟୁନିୟନର ୩ଦଫା ଦାବୀ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଏହି ୩ ଦଫା ଦାବୀଗୁଡ଼ିକ ମଧ୍ୟରେ ସଦସ୍ୟମାନଙ୍କୁ ସି.ଏମ୍.ପି.ଏଫ୍ ପ୍ରଦାନ, ରାଷ୍ଟ୍ରାୟତ ବ୍ୟାଙ୍କ ମାଧ୍ୟମରେ ଦରମା ପ୍ରଦାନ ଓ ତାଙ୍କର ବୀମା କରଣ ଅନ୍ତର୍ଭୁକ୍ତ । ଜଗନ୍ନାଥ ମହାପ୍ରବନ୍ଧକ ତରପରୁ ଭୂବନେଶ୍ୱରୀ ପି.ଓ ପି.ବି.ରେଡ୍ଡୀ ଆନ୍ଦୋଳନରତ ସଦସ୍ୟମାନଙ୍କ ନିକଟକୁ ଆସି ଏହି ଦାବୀଗୁଡ଼ିକୁ ପୂରଣ କରାଯିବା ନେଇ ଲିଖିତ ପ୍ରତିଶୃତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହାର ହୋଇଥିଲା । ସମସ୍ତ ଡ୍ରାଇଭର କାର୍ଯ୍ୟରେ ଯୋଗଦେବା ପୂର୍ବକ ଖଣି କର୍ତୃପକ୍ଷଙ୍କ ଆନ୍ତିରିକତା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ଆନ୍ଦୋଳନରେ ୟୁନିୟନର ସଭାପତି ବରିଷ୍ଠ ଆଇନଜୀବୀ ଜ୍ଞାନରଞ୍ଜନ ପାଣି,କାର୍ଯ୍ୟକାରୀ ସଭାପତି ମନୋଜ ଶତପଥି,ସମ୍ପାଦକ ଛକଡ଼ି ସାହୁ, କୋଷାଧକ୍ଷ ଦିଲୀପ ବାରିକ୍,ଜିନେଶ ସାହୁ ଓ ଠିକା ଡ୍ରାଇଭରମାନେ ଉପସ୍ଥିତ ଥିଲେ ।

ମହାବୀର ଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା

ମାହାଙ୍ଗା- ୨୩/୩ (ଶ୍ରୁ.ମି.) : ମାହାଙ୍ଗା ବ୍ଲକ୍ ଅଭିଭକ୍ତ ଓଷଙ୍ଗ ପଞ୍ଚାୟତର ମଣିଯୋରୀ ହାଟ ପଡିଆ ଠାରେ ଅନୁଷ୍ଠିତ ହେଉଥିବା ମହାବୀରଙ୍କ ବାର୍ଷିକ ଉତ୍ସବ ଓ ଯଜ୍ଞ ନିମନ୍ତେ ଏକ ବିରାଟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆଜି ପ୍ରତ୍ୟୁଷରେ ଦୁଇ ଶହରୁ ଉର୍ଦ୍ଧ ମହିଳା, ଯୁବକ, ଯୁବତୀ ଶ୍ରଦ୍ଧାଳୁମାନେ ଏକ ରଙ୍ଗର ବସ୍ତ୍ର ପରିଧାନ କରି ମାହାଙ୍ଗା ଜରିଆ ଝିଲ୍ଲି ସ୍ଥିତ ଚରମ ଘାଟରୁ ପୂଜାର୍ଚ୍ଚନା ସହ ଜଳବରଣୀ କରି ଏକ ବିରାଟ କଳସ ଶୋଭାଯାତ୍ରାରେ ଯଜ୍ଞସ୍ଥଳକୁ ଯାଇ ଘଟ ସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ଗ୍ରାମର ଗ୍ରାମବାସୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ । କର୍ତ୍ତାଭାବେ ସର୍ବେଶ୍ୱର ପଟ୍ଟାୟତ, ରମା ପଟ୍ଟାୟତ ପୂଜା କାର୍ଯ୍ୟ ସଂପାଦନ କରୁଥିବାବେଳେ ପଣ୍ଡିତ ରବିନ୍ଦ୍ର ପଣ୍ଡା, ନୃସିଂହ ମିଶ୍ର ପ୍ରମୁଖ ବେଦପାଠ କରିଥିଲେ । ଏହି ଯଜ୍ଞ ଦୁଇ ଦିନ ଧରି ଅନୁଷ୍ଠିତ ହେଉଥିବାବେଳେ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ ହେଉଅଛି ।

ବେଗୁନିଆ ବାଳିକା ହାଇସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଓ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବେଗୁନିଆ- ୨୪/୩ (ଶ୍ରୁ.ମି.) : ବେଗୁନିଆ ବ୍ଲକ ସଦର ମହକୁମାରେ ଅବସ୍ଥିତ ବାଳିକା ହାଇସ୍କୁଲର ପୁରସ୍କାର ବିତରଣ ଉତ୍ସବ ଓ ପ୍ରଧାନ ଶିକ୍ଷୟତ୍ରୀ ମିନତା ମହାନ୍ତିଙ୍କ ଅବସର କାଳୀନ ସଭା ଅନୁଷ୍ଠିତ ହୋଇ ଯାଇଛି । ସଭାର ପ୍ରାରମ୍ଭରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ମାନେ ପୁରସ୍କାର ବିତରଣ କରି ଥିଲେ । ଏହି ଉତ୍ସବରେ ଶିକ୍ଷାବିତ ଯୋଗେଶ୍ୱର ସୁନ୍ଦରାୟ, ରାମଚନ୍ଦ୍ର ସାହୁ, ମାୟାଧର ମାର୍ଥା, ସମାଜସେବୀ ଯୋଗେଶ୍ୱର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନେ ନିଜକୁ ସରସ ସୁନ୍ଦର ଭାବେ ଗଢି ତୋଳିବା ସହ ପିତାମାତା ଗୁରୁଜନଙ୍କ ନାମକୁ ସର୍ବଦା ଉଚ୍ଚରେ ରଖିବା ଉଚିତ ବୋଲି ମତବ୍ୟକ୍ତ କରିବା ସହ ଅବସର କାଳୀନ ପ୍ରଧାନ ଶିକ୍ଷୟତ୍ରୀଙ୍କ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ତ୍ରିନାଥ ବେହେରା ଅତିଥି ପରିଚୟ ଦେଇଥିବା ବେଳେ ଶିକ୍ଷକ ଗଣେଶ ସାର ବାର୍ଷିକ ବିବରଣୀ ପଠନ କରିଥିଲେ । ଶେଷରେ ଶିଶିର କୁମାର ଦାଶ ଧନ୍ୟବାଦ ଦେଇଥିଲେ ।

ଏପ୍ରିଲ ମାସରୁ ଦୁଇଟି ପର୍ଯ୍ୟାୟରେ କେନାଲରେ ଛଡ଼ା ଯିବ ପାଣି

ମାଲକାନଗିରି- ୨୨/୩ (ଶ୍ରୁ.ମି.) : ଗତ ୧୬.୩.୨୦୧୮ ତାରିଖରେ ଅନୁଷ୍ଠିତ ହୋଇଥିବା ଜିଲ୍ଲା ପରିଷଦ ବୈଠକରେ କେନାଲରେ ପାଣି ଛଡ଼ା ଯାଉ ନ ଥବବା ଯୋଗୁଁ ଖରାଦିନିଆ ଚାଷ ପ୍ରଭାବିତ ହେବା ସହ ଗୃହ ପାଳିତ ପଶୁମାନେ ପାଣି ପିଇବାକୁ ପାଇବେ ନାହିଁ ବୋଲି ଜିଲ୍ଲା ପରିଷଦ ସଭ୍ୟ ସଭ୍ୟାମାନେ ବୈଠକରେ ଆପତ୍ତି କରିବା ସହ ତୁରନ୍ତ ପାଣି ଛାଡ଼ିବାକୁ ଦାବୀ କରିଥିଲେ । ଜିଲ୍ଲାବାସୀଙ୍କ ଗ୍ରୀଷ୍ମ କାଳୀନ ଅସୁବିଧାକୁ ବିଚାର କରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏପ୍ରିଲ ମାସରୁ ଦୁଇଟି ପର୍ଯ୍ୟାୟରେ ୧/୪ ରୁ ୧୨/୪ ପର୍ଯ୍ୟନ୍ତ ଓ ୧/୫ ରୁ ୧୦/୫ ପର୍ଯ୍ୟନ୍ତ କେନାଲରେ ପାଣି ଛଡ଼ା ଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ସମୟରେ ପାଣିର ଅପଚୟ ନ କରି ଠିକ୍ ଭାବେ ବ୍ୟବହାର କରିବା ପାଇଁ ପ୍ରଶାସନ ପକ୍ଷରୁ ଚାଷୀମାନଙ୍କୁ ନିବେଦନ କରାଯାଉଛି ।

ଗରାପୁର ହନୁମାନ ମନ୍ଦିରରେ ରାମଚରିତମାନସ ପରାୟଣ ଆରମ୍ଭ

କେନ୍ଦ୍ରାପଡା- ୨୩/୩ (ଶ୍ରୁ.ମି.) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁର ସ୍ଥିତ ହନୁମାନ ମନ୍ଦିରରେ ବାବାଜୀ ଚେତନାନନ୍ଦ ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଶ୍ରୀରାମ ଚରିତ ମାନସ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ର ଶୁଭାରମ୍ଭ ହୋଇଛି ।ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ମନ୍ଦିର ପକ୍ଷରୁ ଜଣାପଡିଛି । ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ପୂଜ୍ୟ ରାଘବ ଦାସ ମହାରାଜ ପ୍ରବକ୍ତା ଭାବେ ଯୋଗଦେଇଥିବା ବେଳେ ପରବର୍ତ୍ତୀ ଦବସ ଗୁଡିକରେ ମଙ୍ଗଳ ଦାସ ମହାରାଜ, ପଣ୍ଡିତ ହୃଷିକେଶ ରଥ, ବାବାଜୀ ସତ୍ୟାନନ୍ଦ ଦାସ ଓ ବ୍ରହ୍ମଚାରୀ ସନ୍ତୋଷ ଚୈତନ୍ୟ ଦାସ ମହାରାଜ ପ୍ରବକ୍ତା ଭାବେ ଯୋଗ ଦେବାର କାର୍ଯ୍ୟସୂଚି ରହିଛି । ଏଥି ସହିତ ଆସନ୍ତା ଅପ୍ରେଲ ୧୪ତାରିଖ ମହାବିଷୁବ ସଙ୍କ୍ରାନ୍ତିରେ ହନୁମାନ ଜୟନ୍ତୀ ମହାସମାରୋହରେ ପାଳନ କରାଯିବ । ତେଣୁ ଏହି ପାରାୟଣ, ପ୍ରବଚନ ଜ୍ଞାନଯଜ୍ଞ ଓ ହନୁମାନ ଜୟନ୍ତୀ ଉତ୍ସବରେ ବହୁ ସଂଖ୍ୟାରେ ଭକ୍ତ ଏବଂ ଶ୍ରଦ୍ଧାଳୁ ଯୋଗଦେଇ ଭଗବତ କୃପା ଲାଭ କରିବାକୁ ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀ ଆଶ୍ରମ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁରୋଧ କରାଯାଇଛି ।

ମନ୍ଦିରରୁ ଚୋରୀ ବେଳେ ଚୋରକୁ ଧରି ପୋଲିସ ଜିମା ଦେଲେ ଗାଁ ଲୋକେ

ରାଜନଗର- ୨୩/୩ (ଶ୍ରୁ.ମି.) : ରାଜନଗର ବ୍ଲକ ସାନବଡଗୋପାଳପୁର ପଚାଂୟତ ନୁରୁଗାଁର ରାଧାକୃଷ୍ଣ ମନ୍ଦିର ଓ ରାମଚଣ୍ଡୀ ମନ୍ଦିରରୁ ଚୋର ଚୋରୀ କରୁଥିବା ବେଳେ ଶବ୍ଦ ଶୁଣି ଗାଁ ଲୋକେ ଜଣକୁ ଧରିଥିଲେ । ଅନ୍ୟ ଦୁଇଜଣ ଫେରାର ହୋଇଯାଇଥିଲେ । ଏହାପରେ ଥାନାକୁ ଖବର ଦେବାରୁ ପୋଲିସ ଜଣକୁ ଧରିନେଇ ଥାନାରେ ଅଟକ ରଖିବା ସହ ଘଟଣାର ଅନୁସନ୍ଧାନ ଜାରୀ ରଖିଛି । ସୂଚନା ଥାଉକି, ଏହି ବର୍ଷକ ମଧ୍ୟରେ ବାରଗାଁର ପ୍ରସିଦ୍ଧ ମା ମାଟିଆ ମଙ୍ଗଳା, ବଡକୋଟରେ ଜଗନ୍ନାଥ ମନ୍ଦିର, ରାଜନଗର ତାରିଣୀ ମନ୍ଦିର ପ୍ରଭୃତି ୧୦ରୁ ଉର୍ଦ୍ଧ୍ୱ ମନ୍ଦିରରେ ଚୋରୀ ହୋଇଛି ।

ଉଦଳା ତହସିଲର ଖଜଣା ପ୍ରଦାନ ପାଇଁ ଗଡ଼ିଲା ସଚେତନତା ରଥ

ଉଦଳା- ୨୩/୩ (ଶ୍ରୁ.ମି.) : ଉଦଳା ତହସିଲ ଅଧିନସ୍ଥ ଚାରିଗୋଟି ରାଜସ୍ୱ କାର୍ଯ୍ୟାଳୟରେ ରାଜସ୍ୱ ଆଦାୟ ପାଇଁ ଉଦଳା ତହସିଲ ପକ୍ଷରୁ ଏକ ସଚେତନତା ଗାଡ଼ିର ବ୍ୟବସ୍ଥା ଆଜି ପାଖରୁ କରାଯାଇଛି । ଉଦଳା ତହସିଲଦାର ଦାୟିତ୍ୱରେ ଥିବା ସହକାରୀ ତହସିଲଦାର ସ୍ମରଣ କୁମାର ପୃଷ୍ଟି ଆଜି ଉକ୍ତ ସଚେତନତା ରଥକୁ ଉଦ୍‌ଘାଟନ କରି ଲୋକମାନଙ୍କୁ ଠିକ ସମୟରେ ଖଜଣା ପ୍ରଦାନ କରିବା ପାଇଁ ଏହି ରଥ ସାହାଯ୍ୟ କରିବ ବୋଲି ମତ ରଖିଥିଲେ । ଏହି ରଥ ପ୍ରତ୍ୟେକ ଅଞ୍ଚଳକୁ ଯାଇ ଜନସାଧାରଣ ଖଜଣା ପ୍ରଦାନ କରିବା ପାଇଁ ଅନୁରୋଧ ବାର୍ତ୍ତା ପ୍ରେରଣ କରିବ ବୋଲି ରାଜସ୍ୱ ସୁପରଭାଇଜର ହେମେନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି । ଉକ୍ତ ରଥ ଗଡ଼ିବା ବେଳେ ଉଦଳା ରାଜସ୍ୱ ନୀରୀକ୍ଷକ ବ୍ରଜବିହାରୀ ସାହୁଙ୍କ ସମେତ ତହସିଲର ଅନ୍ୟ କର୍ମଚାରୀ ଓ ଜନସାଧାରଣ ଉପସ୍ଥିତ ଥିଲେ ।

ବେଗୁନିଆ ତହସିଲ ଆଗରେ ଆରଆଇଙ୍କ କଲମ ଛାଡ ଆନ୍ଦୋଳନ

ବେଗୁନିଆ- ୨୪/୩ (ଶ୍ରୁ.ମି.) : ବେଗୁନିଆ ବ୍ଲକର ୪ ଗୋଟି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଯଥା ବେଗୁନିଆ, ବାଘମାରୀ, କୁରାଢିଲୋ ଓ ସିକୋର ରାଜସ୍ୱ ନିରୀକ୍ଷକ ଅଧିକାରୀମାନେ ଆଜି ବେଗୁନିଆ ତହସିଲ ଆଗରେ ତିନି ଦଫା ସମ୍ବଳିତ ଦାବି କରି କଲମ ଛାଡ ଆନ୍ଦୋଳନରେ ସାମିଲ ହୋଇ କାର୍ଯ୍ୟାଳୟ ପରିସରେ ଧାରଣାରେ ବସିଛନ୍ତି । ଅଚ୍ୟୁତପୁର ରାଜସ୍ୱ ନିରୀକ୍ଷକ ଅଜିତ କୁମାର ସାହୁଙ୍କୁ ଆକ୍ରମଣ କରିଥିବା ଖଣିମାଫିଆକୁ ଗିରଫ କରିବା,ଆକ୍ରମଣ ଷଡଯନ୍ତ୍ରକାରୀ ଟାଙ୍ଗୀ ତହସିଲଦାରଙ୍କୁ ନିଲମ୍ବନ, ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ କାରୀଙ୍କୁ ଦୃଢ ହସ୍ତରେ ଦମନ ନିମନ୍ତେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ଦାବୀ ଗୁଡ଼ିକୁ ନେଇ ବସିଥିବା ସମୟରେ ସରକାରଙ୍କ ରାଜସ୍ୱ କାର୍ଯ୍ୟ ଖଜଣା ଆଦାୟ,ଜମିଜମା କାଗଜାତ ଇନକ୍ୱାରୀ ସମେତ ବିଭିନ୍ନ କାର୍ଯ୍ୟ ଏକରକମ ଠପ୍ ହୋଇ ଯାଇଛି । ଫଳରେ ଲୋକମାନେ ବଭିନ୍ନ ସମସ୍ୟାକୁ ଉପସ୍ଥାପନ କରିବାକୁ ଆସୁଥିବା ବେଳେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏହି ଘଟଣା ସମ୍ପର୍କରେ ରାଜସ୍ୱ ନିରୀକ୍ଷକ ସଂଘ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଗତ ମାର୍ଚ୍ଚ ୧୫ ତାରିଖ ଗୁରୁବାର ଦିନ ଜଣାଇଥିଲେ ମଧ୍ୟ କୌଣସି ପ୍ରକାର ଦୃଷ୍ଟି ଦେଇ ନଥିବାରୁ ସଂଘ ଆନ୍ଦୋଳନାତ୍ମକ ପନ୍ଥାକୁ ଆପଣେଇଛି ବୋଲି ଜଣା ପଡିଛି ।